# Akashvani, Sambalpur

## SAMBALPURI NEWS EVENING BULLETIN

**18 September 2024- 7.02 pm- 7.12 pm.**

*********************************************

୧- ଗୁଟେ ଦେଶ ଗୁଟେ ନିର୍ବାଚନ୍ ପ୍ରସ୍ତାବ୍‌କେ ମିଲ୍‌ଲା କେବିନେଟ୍‌ର ଅନୁମୋଦନ୍

୨- ଆକାଶ ମାର୍ଗନୁ ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ଇଲାକାର ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

୩- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର୍‌ର ସର୍‌ଲା ଯାଂଚ

ଆଉର୍

୪- ରାଜ୍ୟର୍ ସବୁ ଜିଲ୍ଲା ନ ଆଏବାକାଏଲ୍‌ନୁ ମୂଲ୍ ହେବା ବିକାଶ୍ ମେଳା

ଗୁଟେ ଦେଶ ଗୁଟେ ନିର୍ବାଚନ ଆର୍‌ଏନ୍‌ୟୁ ସମ୍ବଲପୁର

ଦେଶେ ଗୁଟେ ଦେଶ ଗୁଟେ ନିର୍ବାଚନ ପ୍ରସ୍ତାବ୍‌କେ ଆଏଜ୍ କେନ୍ଦ୍ର କେବିନେଟ୍ ମଞ୍ଜୁରି ଦେଇଛେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକଥି ଇ ନିଷ୍ପତି ନିଆଯାଇଛେ ବଲି ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

କହିଛନ୍ । ସଂସଦର ଶୀତକାଳିନ ଅଧିବେସନଥି ଗୁଟେ ଦେଶ ଗୁଟେ ନିର୍ବାଚନ୍ ଉପରେ ବିଧେୟକ ଉପସ୍ଥାପନ୍ କରାଯିବା ବଲି ସେ କହିଛନ ।

ଆଘୋର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱଥି ଗଠନ୍ ହେଇଥିବା ଇ କମିଟି ଲୋକସଭା ନିର୍ବାଚନ ଆଘୋନୁ ମାର୍ଚ୍ଚ ମାସେ କେବିନେଟ ଥି ଗୁଟେ ରିପୋର୍ଟ ଉପସ୍ଥାପନ କରିଥିଲେ । ଇଥି ସାରା ଦେଶେ ଏକା ସାଙ୍ଗେ ଲୋକସଭା ଆଉ ବିଧାନସଭା ନିର୍ବାଚନ କର୍‌ବାର୍‌କେ ସୁପାରିଶ କରାଯାଇଥିଲା । ଇତାର୍ ସହେତେ ଲୋକସଭା ଆଉ ବିଧାନସଭା ନିର୍ବାଚନର ୧୦୦ ଦିନ୍ ଭିତରେ ନଗର ନିଗମ ନିର୍ବାଚନ୍ ଭିଲ୍ କର୍‌ବାର୍‌କେ ପ୍ରସ୍ତାବ ଦିଆଯାଇଥିଲା ।

-ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ୍

ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଆକାଶ ମାର୍ଗନୁ ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ୍ ଇଲାକା ପରିଦର୍ଶନ୍ କରିଛନ୍ । ବନ୍ୟା ତିଥି ସମୀକ୍ଷା ଉତାରୁ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଜିଲ୍ଲାର ୬ଟା ବ୍ଲକ୍‌ର ୮ହଜାର ହେକ୍ଟର ଚାଷ ଜମି ପାଏନ୍‌ଥି ବୁଡିଯାଇଛେ । ଖାସ୍ କରି ୩ଟା ବ୍ଲକ୍‌ର ୩୫ଟା ଗ୍ରାମ୍ ପଂଚାୟତ୍ ବଏଡ୍‌ଥି ପ୍ରଭାବିତ୍ ହେଇଛେ । ତଲିଆ ଇଲାକାନୁ ୨ହଜାର ଲୁକ୍‌କୁ ସ୍ଥାନାନ୍ତର କରାଯାଇ କରି ବନ୍ୟା ଆଶ୍ରୟସ୍ଥଳ ନ ରଖାଯାଇଛେ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସୁବର୍ଣ୍ଣରେଖା

ନଦୀଥି ବନ୍ୟା ଥିତି ଆଏତ୍ କର୍‌ବାର୍ ଲାଗି ପଦକ୍ଷେପ ନିଆଯାଉଛେ । ବଏଡ୍‌ର ଥାୟୀ ପ୍ରତିକାର୍ ଲାଗି ଜଳ ସଂପଦ୍ ବିଭାଗ୍‌ର ମୁଖ୍ୟ ଯନ୍ତ୍ରୀଙ୍କୁ ଯୋଜନା ତିଆର୍ କର୍‌ବାର୍‌କେ ନିର୍ଦ୍ଦେଶ ଦିଆଯାଇଛେ । ରିପୋର୍ଟ ଆସ୍‌ବାର ଉତ୍‌ରୁ ଇଟାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ପଦକ୍ଷେପ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍ )

ବାଲେଶ୍ୱର ଜିଲ୍ଲା ନ ସୁବର୍ଣ୍ଣରେଖା ଆଉ ଜଳକା ନଦୀ ବିପଦ ସଂକେତ ଉପ୍‌ରେ ବୁହୁଛେ । ଜଳ ସଂପଦ ବିଭାଗ୍‌ର ମୁଖ୍ୟଯନ୍ତ୍ରୀ କହିଛନ୍ ଯେ, ସୁବର୍ଣ୍ଣରେଖା ଲାଗି ବାଲେଶ୍ୱରର ୩ଟା ବ୍ଲକ୍‌ବାଲିଆପାଳ, ଜଳେଶ୍ୱର ଆଉ ଭୋଗରାଇ ନ ବନ୍ୟା ଥିତି ଦେଖାଯାଇଛେ । ପୁନି ଲାଗି ପାଏନ୍ ଯାଇ ନାଇ ପାରୁଥିବାରନୁ ଏନ୍ତା ପରିସ୍ଥିତି ହେଇଛେ ବଲି ସେ କହିଛନ୍ । ରାଜଘାଟ ଠାନେ ସୁବର୍ଣ୍ଣରେଖାର ବିପଦ ସଂକେତ ୧୦ ଦଶମିକ୍ ୩ ୬ ମିଟର୍ ଥିବାର୍ ବେଲେ ସେନ ୧୧ ଦଶମିକ ୬ ମିଟର ପାଏନ୍ ଯାଉଛେ । ସେନ୍ତା ମଥାନୀ ଠାନେ ଜଳକା ନଦୀର ଜଳସ୍ତର ବିପଦ ସଂକେତ ନୁ ସାମାଏନ୍ ଉପରେ ରହିଛେ ।

ରତ୍ନଭଣ୍ଡାର୍ ଯାଂଚ ଆର୍‌ଏନ୍‌ୟୁ

/ସମ୍ୱଲପୁର

ପୁରୀ ଶ୍ରୀ ଜଗନ୍ନାଥ୍ ମନ୍ଦିରର୍ ଭିତର୍ ଆର୍ ବାହାର ରତ୍ନଭଣ୍ଡାର୍ ନିରୀକ୍ଷଣ ଆଉ ବୈଷୟିକ ଯାଂଚ୍ ଆଏଜ୍ ହେଇଛେ । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ୍ ସଂସ୍ଥା- ଏଏସ୍ଆଇ ଆଉ ଶ୍ରୀମନ୍ଦିର୍ ପ୍ରଶାସନ୍ର ଗୁଟେ ଦଲ୍ ମିଶିକରି ୪ ଘଣ୍ଟା ଧରି ଯାଂଚ୍ କରିଥିଲେ । ହେଲେ ଯାଂଚ ଦଲ୍ ନିଜେ ପୁହୁଁଚିକରି କରିଥିବା ଅନୁଧ୍ୟାନ୍ନୁ ସୁଡଙ୍ଗ୍ ବାବ୍ଦେ କେନ୍ସି ସଙ୍କେତ୍ ନାଇଁ ପାଇ । ଜିପିଆର୍ଏସ୍ ସର୍ଭେ ଉତାରୁ ସୁଡଙ୍ଗ ଅଛେ ନା ନାହିଁ ସେଟା ସ୍ୱଷ୍ଟ ହେବା । ସେନ୍ତା ଭିତର ରତ୍ନ ଭଣ୍ଡାର୍ର ଲେଜର୍ ସ୍କାନିଂ କରାଯାଇଛେ । ଫିଜିକାଲ୍ ଯାଂଚ ନୁ କାନ୍ଥ ଆଉ ଚଟାଣ ଦେଖାଯାଇଛେ । ହେଲେ ରାଡାର୍ ସର୍ଭେର ଦରକାର୍ ରହିଥିବାର୍ନୁ ଆଉଥରେ ଯାଂଚ କର୍ବାର୍ ଲାଗି ବିଶେଷଜ୍ଞମାନ୍କର ମତାମତ ନେଇ କରି ପଦକ୍ଷେପ ନିଆଯିବା ବଲି ସୂଚନା ମିଲିଛେ । ଯାଂଚ ଆଘୋନୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନ ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାଥି ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଥିଲା । ବୈଠକ୍ ଉତାରୁ ଉପବେଲା ୧ ବଜେ ଏଏସ୍ଆଇର ଅତିରିକ୍ତ ମହାନିର୍ଦ୍ଦେଶକ ଜାନ୍ଭିଜ୍ ଶର୍ମାଙ୍କ ନେତୃତ୍ୱଥି ୧୨ଜନିଆ କମିଟି ଆଉ ଶ୍ରୀମନ୍ଦିର ପ୍ରଶାସନର ୧୪ଜନଙ୍କୁ ନେଇ କରି ମୋଟ୍ ୨୬ଜନିଆ ସଦସ୍ୟମନ୍ଦିର୍ ଭିତର୍କେ ଯାଇଥିଲୋ ତାର୍ ଉତାରୁ ବାହାର ଆଉ ଭିତର୍ ରତ୍ନଭଣ୍ଡାର୍ର ଚାବି ଖୁଲାଯିବା ପରେ

ବୈଷୟିକ ଯାଂଚ ମୂଲ ହେଇଥିଲା । ତଦାରଖ କମିଟିର  ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ତାଙ୍କ ପ୍ରତିକ୍ରିୟାଥି କହିଛନ୍ ଯେ, ଆଏଜ୍ ହେଇଥିବା ଯାଂଚର ଭିଡିଓଗ୍ରାଫି କରାଯାଇଛେ । ଜିପିଆର୍ଏସ୍ ସର୍ଭେ ମେସିନ୍ ଖୁବ୍ ଜଲ୍ଦି ଆସ୍ବା । ୨୫ ତାରିଖ୍ ତକ୍ ଯାଂଚ ପ୍ରକ୍ରିୟା ଶେଷ୍ କର୍ବାର୍ ଲାଗି ଗଠିତ୍ ହେଇଥିବା ଯାଂଚ ଦଲ୍କେ କୁହାଯାଇଛେ  ବଲି ସେ କହିଛନ୍ । ରତ୍ନ ଭଣ୍ଡାର୍ ଯାଂଚ ବାବ୍ଦେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ୍ ଅରବିନ୍ଦ ପାଢୀ କହିଛନ୍ ......

(ଭଏସ୍ )

ବିକାଶ୍ ମେଲା                                   ଆର୍ଏନ୍ୟୁ

/ସମ୍ବଲପୁର

ରାଜ୍ୟର୍ ସବୁ ଜିଲ୍ଲା ନ ଆଏବାକାଏଲ୍ନୁ ୨୨ ତାରିଖ୍ତକ୍ ବିକାଶ୍ ମେଲା ଆୟୋଜନ୍ କରାଯିବା । ଇଥି ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ କଲ୍ୟାଣ୍କାରୀ ଯୋଜ୍ନା ସାଙ୍ଗେ ଶହେ ଦିନର୍ ବିଭାଗୀୟ କାର୍ଯ୍ୟକଲାପ ଆର୍ ସଫଲତା ବିଷେ ପ୍ରଚାର୍ ପ୍ରସାର୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବାକାଏଲ୍ ପୁରୀନୁ ଇ ମେଲାର୍ ଉଦ୍ଘାଟନ୍ କର୍ବେ । ଇ ମେଲାଥି ଭିନ୍ ଭିନ୍ ବିଭାଗ୍ର ୫୦ଟା ଷ୍ଟଲ୍ ସାମିଲ୍ ହେବାର୍କେ ଥିବାର୍ ବେଲେ ୨୫ ହଜାର୍ନୁ ଅଏତ୍କା ଲୋକ୍ ଯୋଗ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ୨୨ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଆର୍

ମୟୁର୍‌ଭଞ୍ଜ୍ ଜିଲ୍ଲା ନ ହେବାର୍‌କେ ଥିବାର୍ ମେଳାଥି ଯୋଗ୍ ଦେବେ । ଇ ତିନ୍‌ହି ଜିଲ୍ଲାକେ ଛାଡ଼ିଦେଲେ ବାକି ୨୭ ଟା ଜିଲ୍ଲା ନ ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଳ୍‌ର ଅଲ୍‌ଗା ସଦସ୍ୟମାନେ ସାମିଲ୍ ହେବେ ।

ବିଜେପି ସରକାରଙ୍କ ୧୦୦ ଦିନ ପୁରୀ ସମ୍ବାଦଦାତା

ବିଜେପି ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲେକ୍ଷ ପୁରୀ ଶରଧାବାଲି ନ ଆଏବା କାଏଲ୍ ୧୦ ବଜେ ଗୁଟେ ବଡ୍ ଜନସଭା ହେବା । ଇଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଙ୍କ ସଙ୍ଗେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗ ଦେବେ । ଦୁହି ଉପମୁଖ୍ୟମନ୍ତ୍ରୀ ଆଉ ସବୁ ମନ୍ତ୍ରୀ, ସାଂସଦ ଆଉ ବିଧାୟକମାନେ ଯୋଗ୍ ଦେବେ । ଇତାର୍‌ସହେତେ ୧୫ହଜାର୍‌ନୁ ଅଏତ୍‌କା କାର୍ଯ୍ୟକର୍ତା ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ୨୩ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ର ସର୍‌କାରୀ ବାସଭବନ୍ ନ ହେବା । ସେଦିନ ସଖାଲବେଲାର୍ ୧୧ ବଜେନୁ ମୁଖ୍ୟମନ୍ତ୍ରୀ

ଲୋକ୍‌ମାନ୍‌କର ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇ ଅଭିଯୋଗ୍ ଶୁଣାଣି ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ଆଏବା କାଏଲ୍ ଦିନର୍ ୧୧ ବଜେନୁ ମୁଲ୍ ହେବା । ଇଥି ସବୁନୁ ଅଏତ୍‌କା ହଜାରେ ଲୁକ୍ ପଞ୍ଜିକରଣ୍ କରିପାର୍‌ବେ । ଯେନ୍‌ମାନେ କି ଇ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ସେମାନ୍‌କର୍ ଅଭିଯୋଗ୍ ଜନେଇପାର୍‌ବେ । ଇଥିର୍‌ଲାଗି ଇଚ୍ଛୁକ ଲୋକ୍‌ମାନେ ଜନଶୁଣାଣି ପୋର୍ଟାଲ୍ ନାଇ ହେଲେ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍‌କେ ଯାଇକରି ପଞ୍ଜିକରଣ୍ କରିପାର୍‌ବେ । ଇତାର୍ ଉତ୍‌ରୁ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର ଆଉ ପରିଚୟ ପତ୍ର ନେଇକରି ଅଭିଯୋଗ୍ ଶୁଣାଣି ଶିବିର୍‌କେ ଲୋକ୍‌ମାନେ ଯାଇପାର୍‌ବେ ।

**ପିତୃପକ୍ଷ** ଆର୍‌ଏନ୍‌ୟୁ / କଟକ

ଦଶରା ମାସ୍‌ର ଅନ୍ଧାର୍ ପକ୍ଷ ଆଏଜ୍‌ନୁ ମୂଲ୍ ହେଇଛେ । ଇ ପକ୍ଷକେ ପିତୃପକ୍ଷ ବଲି ବି କହେସନ୍ । ଆଏବା ମାସ ୨ ତାରିଖ ଉଆଁସ୍ ଦିନ ତକ୍ ଇ ପକ୍ଷେ ଚାଲ୍‌ବା । ସେଆଡେ ପିତୃପୁରୁଷଙ୍କୁ ତିଳତର୍ପଣ ଆଉ ପିଣ୍ଡଦାନ କର୍‌ସନ୍ । ପିତୃ ପୁରୁଷଙ୍କୁ ପିଣ୍ଡଦାନ ଆଉ ମହାଳୟା ଶ୍ରାଦ୍ଧ ଲାଗି ଶ୍ରୀକ୍ଷେତ୍ର ପୁରୀ ନ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ ଆଉ ଇନ୍ଦ୍ରଦ୍ୟୁମ୍ନ ପୋଖରୀନ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏସି । ଇ ସମିଆଥି ସୂର୍ଯ୍ୟଙ୍କ ଦକ୍ଷୀଣାୟନ ଗତି ହେଇଥିବାର୍‌ନୁ ଦେବଦେବୀଙ୍କ ଶୋଇବାର୍ ବେଲେ ପିତୃ କାର୍ଯ୍ୟ କର୍‌ବାର୍ କର୍ମକାଣ୍ଡଥି ବେବସ୍ଥା ରହିଛେ ।

ନୂଆପଡା  ସ୍ୱଚ୍ଛତା ପକ୍ଷ                                   ନୂଆପଡା

ସମ୍ବାଦଦାତା

ନୂଆପଡା ଜିଲ୍ଲା ଖଡିଆଲ ଏନ୍ଏସି ତର୍ଫୁ ଆଏଜ୍ ସ୍ୱଚ୍ଛତା ପକ୍ଷ ମୂଲ୍ ହେଇଛେ । ଆଏବା ୧୫ଦିନ୍ ଧରି କରି ସ୍ୱଚ୍ଛତା ଲାଗି ନିଜର କର୍ତବ୍ୟ ପାଲନ୍ କରବାର୍କେ ଆହ୍ୱାନ୍ ଦିଆଯାଇଛେ । ଇ ଅବ୍ସରେ ୧ ନମ୍ବର ଓ୍ୱାର୍ଡ ନ ସଫେଇ କାର୍ଯ୍ୟକ୍ରମ୍ ହେଇଥିବାର୍ ବେଳେ ଖଡିଆଲ୍ ଥାନା ପରିସର ନ ବୃକ୍ଷରୋପଣ କାର୍ଯ୍ୟକ୍ରମ୍ ହେଇଥିଲା । ଥାନା ପରିସର ସଫେଇ କର୍ବାର୍ ସଙ୍ଗେ ଚାରା ରୋପଣ ଭିଲ୍ କରାଯାଇଥିଲା ।

ଭାଗବତ ଜନ୍ମ                                   ବୌଦ୍ଧ, ବରଗଡ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଭିନ୍ ଭିନ୍ ଗାଁ ନ ଭୁଦୋ ପୁନି ଅବ୍ସରେ ଭାଗବତ ଜନ୍ମ ଉତ୍ସବ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ବୌଦ୍ଧ ଠାନେ ମହାନଦୀଥି ଠାକୁରଙ୍କ ଚାପ ଖେଳ ହେଇଯାଇଛେ । ଇତାର୍ଛଡା ଗାଁ ମାନ୍କେ ଭାଗ୍ବତ ପୂଜା, ଆଲୋଚନା, ନଗର ସଂକୀର୍ତନ ସହେତେ ପୂଜା ପାଠ ବି ହେଇଥିଲା ।

ସେନ୍ତା ବରଗଡ ଜିଲ୍ଲାର ଭିନ୍ ଭିନ୍ ଜାଗା ନ ଆଏଜ୍ ଭାଗବତ ଜନ୍ମୋତ୍ସବ ପାଲିତ୍ ହେଇଯାଇଛେ । ସୋହେଲା ବ୍ଲକ୍ର ଡୁମ୍ବେରେପାଲି ଗାଁ ନ ଇ ଅବ୍ସରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ ଲେଖିଥିବା ସମ୍ବଲପୁରୀ ଭାଗବତ ପାଠ କରାଯାଇଥିଲା ।

ବରଗଡ ସାଂସଦ ପ୍ରଦୀପ ପୁରୋହିତ, ସାହିତ୍ୟିକ ମନୋରଞ୍ଜନ ସାହୁ, ଅଧ୍ୟାପକ ମୋହନ ସାହୁ, ଶିକ୍ଷାବିତ୍ ଗିରିଜା ଆଚାର୍ଯ୍ୟ ଯୋଗ୍ ଦେଇ କରି ଭାଗବତ ଜନ୍ମ ପାଳନର ମହତ୍ୱ ବାବଦ୍ ଆଲୋଚନା କରିଥିଲେ ।

ଶ୍ରୀମନ୍ଦିର୍ ଦର୍ଶନ୍ ଶୃଙ୍ଖଲା-ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀମନ୍ଦିର୍ ଭିତ୍‌ରେ ଦର୍ଶନ୍ ଶୃଙ୍ଖଲା ନେଇକରି ମୁଖ୍ୟ ପ୍ରଶାସକଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଶ୍ରୀମନ୍ଦିର୍ ନାଟ ମଣ୍ଡପ୍ ନ ଥିବା ସବୁ ଆଲ୍‌ମିରା ବାହାର୍ କରାଯିବା । ଦର୍ଶନ୍ ଲାଗି ଧାରିଜ୍ ହେଇଥିବା ଜାଗା ଆଉ ପ୍ରବେଶ ପଥ ନ ସିସିଟିଭି ଲଗାଯିବା ବଲି ବୈଠକ୍‌ଥି ନିଷ୍ପତି ହେଇଛେ । ସେନ୍ତା ଭକ୍ତମାନ୍‌କର୍ ଲାଗି ଧାଡ଼ି ପ୍ରବେଶ ପଥ ନ ସେଡ୍‌ର ବ୍ୟବସ୍ଥା କରାଯିବା । ଖୋବ୍ ଜଲ୍‌ଦି ଇ ବାବ୍‌ଦେ ସେବକ୍‌ମାନ୍‌କର୍ ସହେତେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ ବିସ୍ତୃତ ଭାବେ ଆଲୋଚନା କର୍‌ବେ ବଲି ବୈଠକ୍‌ଥି ଥିର୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ମୌସୁମୀ ପ୍ରଭାବ୍‌ଥି ଆଏବା ୨ ଦିନ୍ ରାଜ୍ୟର୍ କେତେ ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ଆଏବା କାଏଲ୍

ଆର୍ ତାର୍ ଆରଦିନ ସୁନ୍ଦର୍ଗଡ୍, ବୌଦ୍ଧ ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲା ନ ଧୁକାଧନ୍ଦି ସହେତେ ବର୍ଷା ହେବା । ଇଥିର୍ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।